**A stranger Ms. Shanti Sahu of village & Block *Buguda*, District Ganjam (Odisha). She was divorced from her husband who has been seriously suffering in TB disease since last two years. Her age about 19 years was faced terrible health & financial conditioned / illness and when reached at Berhampur Railway station. In this situation, we knew details in this regard from locality, the "PROGREESS" volunteers had immediate arrived into the railway station. When she was unable to walk and started feeling unwell. There was no caretaker and likely any support at locality. After such incident, our volunteers were taken towards rescue and referred to MKCG Medical College & Hospital, Berhampur (Ganjam) Odisha. After discussed with the Hospital Superintendent, he refused to take care of the patient. Owing to, we have arranged two full timer attendants to look over and physical help unto reach normal condition of the patient. The Hospital authority had not taken any special interest towards treatments & care of the victims. We took regular health check-up and provide free Medicine, food; Blood, physical assistance etc. The "PROGREESS "had taken all type of help for the victim without any supporting from Hospital/ District authorities. The matter had been highlighted in all leading Newspaper and Electronics Media in all over Odisha. It is for your kind information.**


**Orissa POST**

HERE . NOW

UE 117/www.orissapost.com BHUBANESWAR, SATURDAY, JULY 27, 2013


# Ailing woman in a fix

**Berhampur, July 26:** A young woman, who was admitted to MKCG Medical College and Hospital here in Ganjam district in a critical condition, was ditched by her family members including her husband, parents and in-laws.

According to the woman Shanti Sahu (19) of Buguda, she married Subas Sahu two years ago, against the wish of her family members. After getting married both of them stayed in the village.

After Shanti was diagnosed with tuberculosis (TB) last year, Subas admitted her to a hospital and she started taking medicines. However, she discontinued the medicines as they were leading to severe vomiting.

An altercation ensued between the couple that later developed into frequent quarrels. Following this, Subas did not bother about her treatment, a tearful Shanti said.

Five days back, she left home and went to Tirupur near Chennai to earn money for her treatment. However, her condition became critical and she decided to return to her village.



As she reached the railway station, Shanti started feeling unwell and was finding it difficult to walk. Some passers-by took her to a hospital with the help of 108-ambulance service.

When the hospital authorities informed Shanti's family members of her health condition, they refused to come to her help. Her parents said they considered their daughter dead from the day she left home to marry against their wishes.

The hospital authorities said they would approach the district administration in order to bear Shanti's treatment cost. PNN

EASTERN MEDIA LIMITED

SAMBAD

ସମ୍ବାଦ

M BHUBANESWAR CUTTACK BERHAMPUR ANGUL BALASORE JEYPORE ROURKELA SA

Berhampur Friday 26 July 2013 ₹ 4.00 Page 20 with E2

# ଗୁରୁତର ଅବସ୍ଥାରେ ମହିଳା ଟିବି ରୋଗୀ ଉଦ୍ଧାର

## ଚିକିତ୍ସାଖର୍ଚ୍ଚ ଉଠାଇ ନପାରି ଘରୁ ତଡ଼ିଲା ସ୍ୱାମୀ



ବ୍ରହ୍ମପୁର, ୨୫।୭(ଇମିସ): ସ୍ଥାନୀୟ ଷ୍ଟେସନରୁ ଆଜି ଜଣେ ମହିଳା ଟିବି ରୋଗୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ମହିଳାଙ୍କ ନାମ ଶାନ୍ତି ସାହୁ (୧୯) ଓ ବୁଗୁଡ଼ା ଗୋଲା ସାହିରେ ତାଙ୍କ ଘର। ଶାନ୍ତିଙ୍କୁ ଯାତ୍ରୀ ପ୍ରତୀକ୍ଷାଳୟରେ ଦେଖି କିଛି ସ୍ଥାନୀୟ ବାସିନ୍ଦା ୧୦୮ ଆମ୍ବୁଲାନସ ସହ ଯୋଗାଯୋଗ କରିଥିଲେ। ପରେ ଆମ୍ବୁଲାନସ ପହଞ୍ଚି ଶାନ୍ତିଙ୍କୁ ଉଦ୍ଧାର କରିଥିଲା। ଗତକାଲି ଶାନ୍ତି ଚେନ୍ନାଇରୁ ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିଲେ। ଟିବିରେ ଆକ୍ରାନ୍ତ ଶାନ୍ତି ପତିଙ୍କ ଲାଞ୍ଛନା ଓ ଅତ୍ୟାଚାରର ଶିକାର ହୋଇଥିବା କହିଛନ୍ତି। ଏହାସହ ପତି ସୁବାସ କୁମାର ସାହୁ ତାଙ୍କୁ ପାଖରେ ରଖିବାକୁ ଚାହୁଁନାହାନ୍ତି ବୋଲି କହି ଘରୁ ତଡ଼ି ଦେଇଥିଲେ ବୋଲି ଶାନ୍ତି କହିଛନ୍ତି। ଶାନ୍ତିଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

ଶାନ୍ତି କହିଛନ୍ତି ଯେ, ଗତବର୍ଷ ୨୦୧୨ ମସିହା ଅକ୍ଟୋବର ମାସରେ ବୁଗୁଡ଼ାର ଗୋଲାସାହିର ବାସିନ୍ଦା ସୁବାସ କୁମାର ସାହୁଙ୍କ ସହ ପ୍ରେମ ବିବାହ କରିଥିଲେ। କିଛି ମାସ ସେମାନଙ୍କ ଦାମ୍ପତ୍ୟ ଜୀବନ ଭଲରେ ଭଲରେ କଟିଲା। ତେବେ ପରେ ସେ ଟିବିରେ ଆକ୍ରାନ୍ତ ହୋଇଥିଲେ। ସୁବାସ ବହୁବାର ଚିକିତ୍ସା କରାଉଥିଲେ ମଧ୍ୟ ତାଙ୍କ ରୋଗ ଭଲ ହେଉ ନଥିଲା। ଫଳରେ ସୁବାସ ଏଥିରେ ମାନସିକ ସ୍ତରରେ ଭାଂଗି ପଡ଼ିଥିଲେ। କହିଥିଲେ ଆଉ ଖର୍ଚ୍ଚଭାର ଉଠାଇପାରିବେନି। ଶାନ୍ତିଙ୍କୁ ଧରି ସେ ଚେନ୍ନାଇର ତିରିପୁର ଅଂଚଳକୁ ପଳାଇଥିଲେ। ସେଠାରେ ସୁବାସ ଜଣେ ଦିନ ମଜୁରିଆ ଭାବେ ଚାକିରି କରୁଥିଲେ। ତେବେ ଶାନ୍ତିଙ୍କ ଟିବି ରୋଗ ତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ଫଳରେ ଉଭୟ ପୁଣି ବୁଗୁଡ଼ା ଫେରି ଆସିଥିଲେ। ଗତ ସପ୍ତାହରେ ଟିବି ରୋଗକୁ ନେଇ ଶାନ୍ତି ଓ ସୁବାସଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁବାସ ଓ ତାଙ୍କ ପରିବାର ଲୋକେ ଶାନ୍ତିଙ୍କୁ ଘରୁ ତଡ଼ିଦେଇଥିଲେ। ୫ ଦିନ ତଳେ ଶାନ୍ତି ସମସ୍ତ ଜିନିଷପତ୍ର ଧରି ଟ୍ରେନରେ ଏକୁଟିଆ ଚେନ୍ନାଇ ପଳାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୋବାଇଲ୍ ଓ ଜିନିଷପତ୍ର ସବୁ ଚୋରି ହେବାରୁ ପୁଣି ଟ୍ରେନ୍ ଯୋଗେ ବ୍ରହ୍ମପୁର ଫେରି ଆସିଥିଲେ। ଗତକାଲି ରାତି ପ୍ରାୟ ୧୨ଟାରେ ପହଞ୍ଚିବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ପ୍ରତୀକ୍ଷାଳୟରୁ ଶାନ୍ତିଙ୍କୁ ଆଜି ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖବର ମିଳିବା ସୁଦ୍ଧା ଶାନ୍ତିଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଚିକିତ୍ସା ଜାରି ରହିଛି। କିନ୍ତୁ ଶାନ୍ତିଙ୍କ ମା' ଝୁନୁ ସାହୁ ଓ ତାଙ୍କ ଶ୍ୱଶୁର ଘରର କୌଣସି ସଦସ୍ୟ ମେଡ଼ିକାଲକୁ ଆସି ନଥିବା ଜଣାପଡ଼ିଛି।

16 EXCLUSIVELY INTERNATIONAL BRAND

GO Planet FASHION UNLIMITED

NOW SHIFTED T

ପ୍ରମେୟ

THE PRAMEYA

ସମ୍ବଲପୁର ଶ୍ରୀକାକୁଳମ୍‌ରେ ମୁଦ୍ରିତ RNI REGD NO: ORIORI/2011/37619 POSTAL REGD NO: BN/208/12-14 www.prameyanews.com


# ଦୁଇ କୁଳକୁ ଅଲୋଡ଼ା ହେଲେ ଦୁହିତା

ବ୍ରହ୍ମପୁର, ୨୫।୭(ବ୍ୟୁରୋ): କଥାରେ ଅଛି ଦୁହିତା ଦୁଇ କୁଳକୁ ହିତା । ଝିଅ ଉଭୟ ଶାଶୁଘର ଓ ବାପ ଘରକୁ ପ୍ରିୟ ହୋଇଥାଏ । କିନ୍ତୁ ଆଜି ବ୍ରହ୍ମପୁରରେ ଦେଖିବାକୁ ମିଳିଛି ସଂପୂର୍ଣ୍ଣ ଓଲଟା । ଜଣେ ଦୁହିତା ତାଙ୍କ ଶାଶୁ ଘର ଓ ବାପ ଘର ପାଇଁ ଅଲୋଡା ହୋଇଛନ୍ତି । ସମୟର କଷାଘାତରେ ଘାଣ୍ଟିହୋଇ ସେ ମରଣ ସହ ସଂଗ୍ରମ କରୁଛନ୍ତି । ତାଙ୍କର ଦେଖା ଶୁଣା ପାଇଁ ନା ଅଛନ୍ତି ଜନ୍ମ ଦେଇଥିବା ବାପ-ମା' ନା ଅଗ୍ନିକୁ ସାକ୍ଷୀରଖି ବିବାହ କରିଥିବା ସ୍ୱାମୀ । ଏପରିକି ଡାକ୍ତରଖାନାରେ ମଧ୍ୟ ତାଙ୍କୁ ଅବହେଳା କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଆଜି ସକାଳ ପ୍ରାୟ ୭ଟା ବେଳେ ଅଚେତ ଅବସ୍ଥାରେ ଜଣେ ଯୁବତୀ ବ୍ରହ୍ମପୁର ରେଳଷ୍ଟେସନରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ସମସ୍ତେ ଦେଖୁଥିଲେ ମଧ୍ୟ ମୁହଁ ଆଡେଇ ଚାଲିଯାଉଥିଲେ । ଜଣେ ସଦହୃଦୟ ବ୍ୟକ୍ତି ଯୁବତୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଯୁବତୀଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେଠାରେ ଯୁବତୀଙ୍କ ଚିକିତ୍ସା ନକରି ଡାକ୍ତର ଅପେକ୍ଷା କରିଥିଲେ ପୁଲିସକୁ । ଶେଷରେ ଯୁବତୀଙ୍କ ଚେତା



ଫେରିଥିଲା । ସେ ନିଜ ପରିଚୟ ଦେବା ପରେ ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ । ମନରେ ବଞ୍ଚିବାର ଆଶା । ଏପଟେ ଦୁଇ ଆଖିରୁ ବହୁଥାଏ ଧାରଧାର ଲୁହ । ଏହି ଯୁବତୀଙ୍କ ନାମ ଶାନ୍ତି ସାହୁ । ତାଙ୍କ ଘର ବୁଗୁଡା ଗୋଲାସାହି ବୋଲି ସେ କହିଥିଲେ । ସେ ଏବେ ଯକ୍ଷ୍ମାରେ ପୀଡ଼ିତ । ନିଜ ଅସୁସ୍ଥତା ବିଷୟରେ ସ୍ୱାମୀ ଓ ମାଙ୍କୁ ଜଣାଇଥିଲେ । କିନ୍ତୁ ତାଙ୍କ ଦୁଃଖ ଶୁଣିବା ପୂର୍ବରୁ ତାଙ୍କ ସ୍ୱାମୀ 'ତୁ ମୋର କେହି ନୁହଁ'ବୋଲି କହି ଫୋନ୍ କାଟି ଦେଇଥିଲେ । ସେହିପରି ତାଙ୍କ ମା ମଧ୍ୟ 'ତୁ କିଏ ମୋର, ତୋର ମୋର କି ସଂପର୍କ' କହି ଫୋନକଲ୍ କାଟିଦେଇଥିଲେ । ସମସ୍ତଙ୍କ ମୁହଁରୁ ଏପରି କଥା ଶୁଣିବା ପରେ ସେ ନିଜକୁ ସହ୍ୟ କରିପାରିନଥିଲେ । ଛାଟିପିଟି ହୋଇ କାନ୍ଦିଥିଲେ । କହିଥିଲେ 'ମୁଁ କି ଭୁଲ୍ କଲି' । କ'ଣ ଝିଅ ହୋଇ ଜନ୍ମ ନେବା ପାପ ବୋଲି ନିଜକୁ ନିଜେ ପ୍ରଶ୍ନ କରିଥିଲେ । ତାଙ୍କୁ ଯକ୍ଷ୍ମା ହୋଇଥିବାରୁ ତାଙ୍କ ସ୍ୱାମୀ ଘରୁ ବାହାର କରିଦେଇଛନ୍ତି । ସେ ପ୍ରେମ ବିବାହ କରିଥିବା ଯୋଗୁଁ ତାଙ୍କ ମା ଘରୁ ବାହାର କରିଦେଇଛନ୍ତି । ଶାନ୍ତିଙ୍କ କହିବା ଅନୁସାରେ ତାଙ୍କ ବାପଘର ବୁଗୁଡା ଗୋଲାସାହି । ୨୦୧୨ମସିହା ଅକ୍ଟୋବର ୧୪ତାରିଖରେ ଶାନ୍ତି ତାଙ୍କ ଗାଁର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରେ ତାଙ୍କ ମା ଝୁନୁ ସାହୁ ତାଙ୍କର ଘରକୁ ଆସିବା ବନ୍ଦ କରିଦେଇଥିଲେ । ବିବାହର କିଛି ମାସ ସେମାନଙ୍କ ତେଲଲୁଣର ସଂସାର ବେଶ୍ ହସଖୁସିରେ ଚାଲିଲା । କିଛିମାସ ପରେ ଶାନ୍ତି ଅସୁସ୍ଥ ହୋଇଥିଲେ । ଚିକିତ୍ସା ପରେ ତାଙ୍କୁ ଯକ୍ଷ୍ମା ହୋଇଥିବା ଡାକ୍ତର କହିଥିଲେ । ସ୍ୱାମୀ ଚିକିତ୍ସା କରାଇଥିଲେ । ବହୁଦିନ ଧରି ତାଙ୍କ ଦେହ ଭଲ ହୋଇନଥିଲା । ଫଳରେ ତାଙ୍କ ସ୍ୱାମୀ ତାଙ୍କ ଚିକିତ୍ସା କରିପାରିବେ ନାହିଁ ବୋଲି କହିଥିଲେ । 'ତୁ କୁଆଡେ ଯାଉଛୁ ଯା' ବୋଲି କହି କୁଆଡ଼େ ତାଙ୍କୁ ଘରୁ ବାହାର କରିଦେଇଥିଲେ । ବାଧ୍ୟ ହୋଇ ସେ ଘରୁ ପାଦ କାଡିଥିଲେ ଏବଂ ଟଙ୍କା ରୋଜଗାର ପାଇଁ ଚାଲିଯାଇଥିଲେ ଚେନ୍ନାଇର ତିରିପୁରା । ଗତ ଏକ ସପ୍ତାହ ହେବ ସେ ତିରିପୁରା ଯାଇଥିଲେ । ସେଠାରେ ସେ ଦୁଇ ଦିନ ଏକ ଘରୋଇ କମ୍ପାନିରେ ମଜୁରିଆ ଭାବେ କାମ କରିବା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିଥିଲା । କମ୍ପାନି କର୍ତ୍ତୃପକ୍ଷ ତାଙ୍କୁ ଘରକୁ ପଠାଇଦେଇଥିଲେ । ବୁଧବାର ରାତି ପ୍ରାୟ ୧ଟା ବେଳେ ଶାନ୍ତି କରମଣ୍ଡଳ ସୁପରଫାଷ୍ଟ ଏକ୍ସପ୍ରେସ୍‌ରୁ ବ୍ରହ୍ମପୁର ରେଳଷ୍ଟେସନ୍‌ରେ ଓହ୍ଲାଇଥିଲେ । ଅସୁସ୍ଥତା କାରଣରୁ ସେ ଅଚେତ ହୋଇ ଷ୍ଟେସନ୍‌ରେ ପଡି ରହିଥିଲେ ।

THE ANUPAM BHARAT

ଅନୁପମ ଭାରତ

www.anupambharatonline.com

Published from Brahmapur, Bhubaneswar, Rayagada

ବ୍ରହ୍ମପୁର, ଶୁକ୍ରବାର ୨୬ ଜୁଲାଇ ୨୦୧୩ ସହର ସହ

# ପ୍ଲାଟଫର୍ମରୁ ମୁମୂର୍ଷ ଅବସ୍ଥାରେ ମହିଳା ଉଦ୍ଧାର



ବ୍ରହ୍ମପୁର, ୨୫।୭ (ଅନୁପମ ମିଡିଆ): ସ୍ଥାନୀୟ ରେଳ ଷ୍ଟେସନ ୧ ନଂ ପ୍ଲାଟଫର୍ମରୁ ଆଜି ଜଣେ ମହିଳାଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇଛି ।

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗୋଲାସାହିର ଶାନ୍ତି ସାହୁ ନାମକ ଜଣେ ଯୁବତୀ ଗତ କିଛିଦିନ ତଳେ ସୁବାସ ସାହୁ ନାମକ ଜଣେ ଯୁବକଙ୍କୁ ଭଲ ପାଇ ବାହା ହୋଇଥିବାବେଳେ ଉକ୍ତ ବାହାଘରକୁ ଉଭୟ ସ୍ୱାମୀ ଓ ପିତା ଘର ପକ୍ଷରୁ ବିରୋଧ କରାଯାଇ ତାଙ୍କୁ ଘରୁ ତଡ଼ି ଦିଆଯାଇଥିଲା । ଏହି ଅବସରରେ ମହିଳା ଜଣଙ୍କ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ତାମିଲନାଡୁ ତ୍ରିପୁର ଅଞ୍ଚଳକୁ କାମ କରିବା ପାଇଁ ଯାଇଥିଲେ ହେଁ ସେଠାରେ ତାଙ୍କ ଅସୁସ୍ଥତା ଯୋଗୁଁ ଫେରାଇ ଦେଇଥିଲେ ।

ଫଳରେ ସେ ଟ୍ରେନରେ ଆସୁଥିବାବେଳେ ରାସ୍ତାରେ ଅସୁସ୍ଥ ହୋଇପଡ଼ିଥିବା ଏବଂ ବ୍ରହ୍ମପୁର ଷ୍ଟେସନରେ ଟ୍ରେନ ପହଞ୍ଚିବା ପରେ ଯାତ୍ରୀମାନେ ତାଙ୍କୁ ପ୍ଲାଟଫର୍ମରେ ଓହ୍ଲାଇ ଦେଇଥିଲେ । ମହିଳା ଜଣଙ୍କ ପ୍ଲାଟଫର୍ମରେ ଓହ୍ଲାଇ ଅଧିକ ଅସୁସ୍ଥ ଅନୁଭବ କରିବାରୁ ପ୍ଲାଟଫର୍ମରେ ଶୋଇପଡ଼ିଥିଲେ । ତେବେ ରେଳବାଇ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଥିଲେ ।

93 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2012-2014

Brahmapur, Saturday, 27 July, 2013
ବ୍ରହ୍ମପୁର, ଶନିବାର, ୨୭ ଜୁଲାଇ ୨୦୧୩
ଆଜି କର୍କଟ ୧୨ ଦିନ, ୧୪୨୦ ସାଲ
ଶ୍ରାବଣ ୫ ଦିନ, ୧୯୩୫ ଶକାବ୍ଦ, କୃଷ୍ଣପକ୍ଷ ପଞ୍ଚମୀ
ଭାଗ- ୮୪ ସଂଖ୍ୟା-୨୦୪
www.thesamaja.com
www.samajaepaper.com

ଟ ୩.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲିକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର

## ପ୍ଲାଟଫର୍ମରୁ ଉଦ୍ଧାର ଅସହାୟା ବଡମେଡ଼ିକାଲରେ



ବ୍ରହ୍ମପୁର, ୨୬।୭ (ବ୍ୟୁରୋ)-ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇଥିବା ଜଣେ ମହିଳାଙ୍କୁ ବ୍ରହ୍ମପୁର ରେଳଷ୍ଟେସନର ପ୍ଲାଟଫର୍ମ ନଂ-୧ରୁ ଅସୁସ୍ଥ ଭାବେ ଉଦ୍ଧାର କରାଯିବା ଘଟଣା ଏଠାର ଆଲୋଚନାର ବିଷୟ ପାଲଟିଛି। ଶାନ୍ତି ସାହୁ(୧୯) ନାମ୍ନୀ ଜଣେ ବିବାହିତା ମହିଳା ଆଜି ରେଳଷ୍ଟେସନରେ ଅସୁସ୍ଥ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଡାକି ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏବେ ଶାନ୍ତି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଅସୁସ୍ଥ ଥିବା ଶାନ୍ତିଙ୍କ ଦେଖାଶୁଣା କରିବା ପାଇଁ କେହି ନଥିବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଶାନ୍ତି ଏକ ବର୍ଷ ତଳେ ବୁଗୁଡ଼ା ଅଞ୍ଚଳର ସୁବାସ ସାହୁଙ୍କୁ ପ୍ରେମ ବିବାହ କରିଥିଲେ। କିଛି ଦିନ ପରେ ସେ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହେବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ତେବେ ସେ ଭଲ ହୋଇପାରିନଥିଲେ। ଏହାପରେ ତାଙ୍କୁ ଶାଶୂ ଘର ଲୋକମାନେ ଘରୁ ବାହାର କରିଦେଇଥିଲେ। ଏପରିକି ତାଙ୍କର ମା' ମଧ୍ୟ ତାଙ୍କୁ ପରେ ଗ୍ରହଣ କରିନଥିବା କୁହାଯାଉଛି। ଏହା ପରେ ଶାନ୍ତି କିଛି ଦିନ ପାଇଁ କାମ କରିବା ନିମନ୍ତେ ଚେନ୍ନଇ ଚାଲିଯାଇଥିଲେ। ସେଠାରେ ଅସୁସ୍ଥ ହେବା ପରେ ତାଙ୍କୁ ସଂସ୍ଥାର ମାଲିକ ଏଠାକୁ ଟ୍ରେନ୍ ଯୋଗେ ପଠାଇଦେଇଥିଲେ। ଆଜି ଅସହାୟ ଅବସ୍ଥାରେ ରେଳଷ୍ଟେସନରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଯକ୍ଷ୍ମାରୋଗରେ ଆକ୍ରାନ୍ତଙ୍କ ପାଇଁ ଆହା କରିବାକୁ କେହି ନଥିବା ଘଟଣା ମେଡ଼ିକାଲରେ ଆଲୋଚନାର ବିଷୟ ପାଲଟିଛି।